# Akashvani, Sambalpur

## SAMBALPURI NEWS EVENING BULLETIN

## 9 December 2024- 7.02 pm- 7.12 pm.

*********************************************

୧- କେନ୍ଦ୍ର ସର୍‌କାର୍ - ଦେଶେ ମହିଲାମାନ୍‌କର୍ ସଶକ୍ତିକରଣ୍ ଲାଗି ଭିନ୍ ଭିନ୍ ଯୋଜ୍‌ନା କାର୍ଯ୍ୟକାରୀ କରିଛନ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ବୀମା ସଖୀ ଯୋଜ୍‌ନାର୍ କଲେ ଶୁଭାରମ୍ଭ ।

୨- ରାଜ୍ୟସଭା ଉପନିର୍ବାଚନ୍ ଲାଗି ଓଡ଼ିଶାନୁ ବିଜେପି ଦଲୀୟ ପ୍ରାର୍ଥୀ ଭାବେ ନାମାଙ୍କନ୍ ପତ୍ର ଦାଖଲ୍ କଲେ ସୁଜିତ୍ କୁମାର୍ ।

୩- ଭାରତୀୟ ରିଜର୍ଭ ବେଙ୍କ୍ - ଆର୍‌ବିଆଇର ନୂଆଁ ଗଭର୍ଣ୍ଣର୍ ଭାବେ ସଞ୍ଜୟ ମଲ୍‌ହୋତ୍ରା ନିଯୁକ୍ତ ।

ଆଉର୍

୪- ରାଜ୍ୟର୍ ୩୦ ଟା ଜିଲ୍ଲା ନ ଖୁଲାଯିବା ମେଡ଼ିକାଲ୍ କଲେଜ୍ - କହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ପ୍ରଧାନ୍‌ମନ୍ତ୍ରୀ- ବୀମା ସଖୀ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଦେଶେ ମହିଲାମାନ୍‌କର୍ ସଶକ୍ତିକରଣ୍ ଲାଗି ଭିନ୍ ଭିନ୍ ପ୍ରକାର୍‌ର ଯୋଜ୍‌ନା କାର୍ଯ୍ୟକାରୀ କରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ହରିଆନାର ପାନିପଥ୍ ନ ବୀମା ସଖୀ ଯୋଜ୍‌ନାର୍ ଶୁଭାରମ୍ଭ କରିକରି ଶ୍ରୀ ମୋଦୀ କହିଛନ୍ ଯେ, ଭିନ୍ ଭିନ୍ କ୍ଷେତ୍ରଥି ମହିଲାମାନ୍‌କର୍ ସକ୍ରିୟ ଭାଗ୍ ନେବାର୍‌ଟା ୨୦୪୭ ବିକଶିତ୍ ଭାରତ୍‌ର ସପନ୍ ସାକାର୍ କର୍‌ବାର୍‌ଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ଜୀବନ୍ ବୀମା ନିଗମ୍‌ର ଇ ଯୋଜ୍‌ନାଥି ୧୦ କ୍ଲାସ୍ ପାସ୍ କରିଥିବା ୧୮ ନୁ ୭୦ ବଛର୍ ଭିତ୍‌ରେ ମହିଲାଙ୍କର୍ ସଶକ୍ତିକରଣ୍ ଲକ୍ଷ୍ୟ ରଖାଯାଇଛେ । ଇ ଯୋଜ୍‌ନା ଅଧୀନ୍‌ଥି ପହେଲା ୩ ବଛର୍ ସେମାନ୍‌କର୍ ସ୍ୱତନ୍ତ୍ର ପ୍ରଶିକ୍ଷଣ୍ ସହେତେ ଷ୍ଟାଇପେଣ୍ଡ୍‌ର ବ୍ୟବସ୍ଥା କରାଯାଇଛେ । ପ୍ରଶିକ୍ଷଣ୍ ଉତ୍‌ରୁ ଅଣ ସ୍ନାତକ ମହିଲା ଜୀବନ୍ ବୀମା ନିଗମ୍‌ର ପ୍ରତିନିଧି ଭାବେ ଆଉ ସ୍ନାତକ ମହିଲା ନିଗମ୍‌ର ଉନ୍ନୟନ୍ ଅଧିକାରୀ ଭାବେ କାମ୍ କର୍‌ବାର୍ ସୁଯୋଗ୍ ପାଏବେ । ଇ ଯୋଜ୍‌ନା ଲାଗି ବଛା ହେଇଥିବା କେତେ ଝନ୍ ବୀମା ସଖୀଙ୍କୁ ପ୍ରଧାନ୍‌ମନ୍ତ୍ରୀ ସାର୍ଟିଫିକେଟ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ସହେତେ କେନ୍ଦ୍ର ମନ୍ତ୍ରୀମଣ୍ଡଲ୍‌ର ଆର୍ କେତେଝନ୍ ସଦସ୍ୟ,

ହରିଆନା ରାଜ୍ୟପାଲ୍ ଆଉ ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇଥିଲେ ।

ରାଜ୍ୟସଭା ଉପନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ନ ଖାଲି ପଡ଼ିଥିବା ରାଜ୍ୟସଭା ଆସନ୍ ଲାଗି ବିଜେପି ପ୍ରାର୍ଥୀ ସୁଜିତ୍ କୁମାର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ରିଟର୍ଣ୍ଣିଂ ଅଫିସର୍ ଅବନୀକାନ୍ତ ପଟ୍ଟନାୟକଙ୍କର୍ ଠାନେ ସେ ଦୁଇ ସେଟ୍ ନାମାଙ୍କନ୍ ଭରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବିଜେପି ରାଜ୍ୟଶାଖା ସଭାପତି ମନ୍‌ମୋହନ୍ ସାମଲ୍‌ଙ୍କର୍ ସହେତେ ସୁଜିତଙ୍କର୍ ପ୍ରସ୍ତାବକ, ମନ୍ତ୍ରୀ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଉପନିର୍ବାଚନ୍ ଲାଗି ଆଏଜ୍ ପହେଲା ବିଜେପି କେନ୍ଦ୍ରୀୟ ଚୟନ କମିଟି ତର୍‌ଫୁ ସୁଜିତଙ୍କର ପ୍ରାର୍ଥୀତ୍ୱକେ ନେଇକରି ବିଧିବଦ୍ଧ ଘୋଷ୍‌ନା କରାଯାଇଥିଲା । ଆଏବା କାଏଲ୍ ନାମାଙ୍କନ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଥିବାର୍ ବେଲେ ୧୧ ତାରିଖ୍ ଦିନ ନାମାଙ୍କନ ପତ୍ର ଯାଂଚ୍ ଆଉ ୧୩ ତାରିଖ୍ ନାମାଙ୍କନ ପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ଦର୍‌କାର୍ ହେଲେ ୨୦ ତାରିଖ୍ ଦିନ ଉପନିର୍ବାଚନ୍ ହେବା ବଲି ଧାରିଜ୍ କରାଯାଇଛେ ।

ଆର୍‌ବିଆଇର ନୂଆଁ ଗଭର୍ଣ୍ଣର     ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ରିଜର୍ଭ ବେଙ୍କ୍‌- ଆର୍‌ବିଆଇର ନୂଆଁ ଗଭର୍ଣ୍ଣର୍ ଭାବେ ରାଜସ୍ୱ ସଚିବ ସଞ୍ଜୟ ମାଲ୍‌ହୋତ୍ରାଙ୍କୁ କେନ୍ଦ୍ର ସର୍‌କାର୍ ନିଯୁକ୍ତି  ଦେଇଛନ୍ । ଇ ବାବ୍‌ଦେ କେନ୍ଦ୍ର କାର୍ମିକ ଆଉ ପ୍ରଶିକ୍ଷଣ ବିଭାଗ୍ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ସଞ୍ଜୟ ମାଲ୍‌ହୋତ୍ରା ଆଏବା ବୁଧବାର୍ ଦିନ ଦାୟିତ୍ୱ ନେବେ । ତାଙ୍କର୍ କାର୍ଯ୍ୟକାଳ ୩ ବଛର୍‌ତକ୍ ରହେବା । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀ ମାଲ୍‌ହୋତ୍ରା ୧୯୯୦ ବେଚ୍ ରାଜସ୍ଥାନ୍ କେଡ଼ରର୍ ଆଇଏଏସ୍ ଅଧିକାରୀ ।

ବିଧାନ୍‌ସଭା     ଆର୍‌ଏନ୍‌ୟୁ/ କଟକ୍

୨୦୧୯ ନୁ ଗଲା ମାସ ଶେଷ୍‌ତକ୍ ରାଜ୍ୟର୍ ୫୯ ହଜାର୍ ୪ ଶହ ୩୭ ଝନ୍ ଅନ୍‌ଲାଇନ୍ ଠକେଇଥି ଶିକାର୍ ହେଇଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭାଥି ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ମାଝୀ କହିଛନ୍ ଯେ, ଆଘର୍ ବଛର୍‌ମାନ୍‌କର୍‌ନୁ ୨୦୨୩ଥି ଅନ୍‌ଲାଇନ୍ ଠକେଇ ବହୁତ୍ ମାତ୍ରାଥି ବଢ଼ିଥିଲା । ୨୦୨୩ ମସିହାଥି ୧୮ ହଜାର୍ ୯ ଶହ ୯୪ ଝନ୍ ଅନ୍‌ଲାଇନ୍ ଟ୍ରେଡିଂ ଠକେଇଥି ପଡ଼ିଥିବାର୍

ବେଳେ ଇ ବଛର୍ ଗଲା ମାସ୍‌ତକ୍ ଇ ସଂଖ୍ୟା ୪୬ ହଜାର୍ ୨ ଶହ ୭୦ କେ ପୁହୁଁଚିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ରାଏଜେ ଏଛେନ୍ ୧୮ ହଜାର୍ ୪ ଶହ ୪୧ ଟା ମଞ୍ଜୁରୀ ପ୍ରାପ୍ତ ଗ୍ରାମରକ୍ଷୀ ପଦ୍‌ବୀ ଅଛେ । ସେଥିର୍‌ଭିତ୍‌ରୁ ୯ ହଜାର୍ ୬ ଶହ ୫୨ ଟା ପଦ୍‌ବୀ ପୂରଣ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଗ୍ରାମ୍‌ରକ୍ଷୀମାନ୍‌କୁ ଏଛେନ୍ ୧୮ ଶହ ଟଙ୍କା ମାସିକ୍ ଭତା ସହେତେ ଫି' ୨ ବଛର୍‌ଥି ଥରେ ୪ ଶହ ଟଙ୍କା ଲେଖା ପୋଷାକ ଭତା ଦିଆଯାଉଛେ ।

ବିଧାନ୍‌ସଭା-୨ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨ ଶହ ୯୫ ଟା ଫାଣ୍ଡି କାମ୍ କରୁଛେ ଆଉ ସେଥିର୍ ଭିତ୍‌ରୁ ଶହେ ୨୨ ଟା ସହର୍ ଇଲାକା ନ ରହିଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଆଏଜ୍ ବିଧାନ୍‌ସଭାଥି ଶ୍ରୀ ହରିଚନ୍ଦନ୍ କହିଛନ୍ ଯେ, ରାଏଜେ ୬ ଶହ ୮୫ ଟା ପୁଲିସ୍ ଥାନା ଆର୍ ଶହେ ୩୯ ଟା ବିଟ୍ ହାଉସ୍ ରହିଛେ । ନୂଆଁ ଥାନା ଆଉ ଫାଣ୍ଡି ଖୁଲ୍‌ବାର୍ ଲାଗି ରହିଥିବା ମାର୍ଗଦର୍ଶିକା ଆଧାର୍‌ଥି ନିଷ୍ପତି ନିଆଯିବା ବଲି ସେ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ବିଧାନ୍‌ସଭାଥି ଆଏଜ୍ ଶାସକ୍ ଆର୍ ବିରୋଧୀ ଦଲର୍

ସଦସ୍ୟମାନେ ନିଜର୍ ନିଜର୍ ଇଲାକା ନ ନୂଆଁ ଥାନା ଆର୍ ଫାଣ୍ଡି ଖୁଲ୍‌ବାର୍‌କେ ଦାବି କରିଥିଲେ ।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଖୋବ୍ ଜଲ୍‌ଦି ୫ ହଜାର୍ ଡାକ୍ତର୍ ପଦ୍‌ବୀ ପୂରଣ୍ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବିଧାନ୍‌ସଭାଥି ଆଏଜ୍ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ଯେ, ଡାକ୍ତରୀ ନିଯୁକ୍ତି ପ୍ରକ୍ରିୟାଥି ମୁଖ୍ୟମନ୍ତ୍ରୀଙ୍କର୍ ଅନୁରୋଧ୍ ଅନ୍‌ସାରେ ୨ ଟା ସଂଶୋଧନ୍ କରାଯାଇଛେ । ଡାକ୍ତରୀ ପଦ୍‌ବୀ ପୂରଣ୍ ସହେତେ ୩ ହଜାର୍ ପାରା ମେଡ଼ିକାଲ୍ ଷ୍ଟାଫ୍ ନିଯୁକ୍ତି ଲାଗି ଭିଲ୍ ବିଜ୍ଞାପନ୍ ବାହାର୍‌ବା । ରାଜ୍ୟର୍ ୩୦ ଟା ଜିଲ୍ଲା ନ ମେଡ଼ିକାଲ୍ କଲେଜ୍ ଖୁଲାଯିବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଗୃହ ନ କହିଛନ୍ । ୨୦୧୪ ମସିହା ଉତ୍‌ରୁ ପାଖାପାଖି ୩ ଶହ କୋଟି ଟଙ୍କା ଖର୍ଚ୍ଚାଥି ଶହେ ଶଯ୍ୟାଥିବା ମେଡ଼ିକାଲ୍ କଲେଜ୍ ପ୍ରତିଷ୍ଠା କରାଯାଇଛେ ବଲି ସେ କହିଛନ୍ ।

ରାଜ୍ୟ ସର୍‌କାର୍- ଆଲୁ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ନାଫେଡ୍ ଜରିଏ ଆଲୁ ଘିନିକରି ଖାଉଟି ମାନ୍କୁ ଶସ୍ତାଥି ଯୁଗେଇ ଦେବାର୍ ଲାଗି ନେଇଥିବା ନିଷ୍ପତି ଅନ୍ସାରେ ଆଏଜ୍ ଉତରପ୍ରଦେଶ୍ନୁ ୩ ଟା ଗାଡ଼ିଥି ୬୦ ଟନ୍ ଆଲୁ ଭୁବ୍ନେଶ୍ୱର୍କେ ଅନାଯାଇଛେ । ଇସବୁକେ ପହେଲା ଖେପେ ଭୁବ୍ନେଶ୍ୱର୍, କଟକ୍, ରାଉର୍କେଲା, ଜୟପୁର୍, ବାଲେଶ୍ୱର୍, ବଲାଙ୍ଗିର୍, ସମ୍ବଲ୍ପୁର୍ ଆର୍ ବ୍ରହ୍ମପୁର୍ର ଭିନ୍ ଭିନ୍ ସର୍କାରୀ ଖୁଚୁରା ଦୁକାନ୍ ଜରିଏ ଖାଉଟିମାନ୍କୁ କେଜି ପିଛା ୩୦ ଟଙ୍କାଥି ବିକାଯିବା । ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ଭୁବ୍ନେଶ୍ୱର୍ ଅତିରିକ୍ତ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଲୟ ଆଗାଡ଼େ ଆଉ ସହରର୍ ଭିନ୍ ଭିନ୍ ଜାଗା ନ ସାଧାରଣ୍ ଲୁକ୍କୁ ୩୦ ଟଙ୍କାଥି ଆଲୁ ବିକାଯାଇଛେ । ଇଟା ହେବାର୍ନୁ ରାଏଜେ ଆଲୁ ସଙ୍କଟ୍ ଦୂର୍ ହେଇପାର୍ବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ସର୍ବଭାରତୀୟ ହକି ଚମ୍ପିଆନ୍ସିପ୍ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ପୁଲିସ୍ ତର୍ଫୁ ଭୁବ୍ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ଆଏବା ମାର୍ଚ୍ଚ ମାସ ୭୩ ନମ୍ବର୍ ସର୍ବଭାରତୀୟ ହକି ଚମ୍ପିଆନ୍ସିପ୍ - ୨୦୨୫ ହେବା । ଇ ଅବ୍ସରେ ଡିଜିପି କେମ୍ପ୍ କାର୍ଯ୍ୟାଲୟ ନ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ତୟାରି ବୈଠକ୍

ହେଇଯାଇଛେ । ଇଥି ଇ ଚମ୍ପିଆନ୍‌ସିପ୍‌କେ ସୁରୁଖୁରୁଥି ପରିଚାଲନା କର୍‌ବାର୍ ସହେତେ ବ୍ୟାପକ୍ ବନ୍ଦୋବସ୍ତର ବ୍ୟବସ୍ଥା କର୍‌ବାର୍ ଲାଗି ଶ୍ରୀ ଖୁରାନିଆ ବରିଷ୍ଠ ପୁଲିସ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଇ ଚମ୍ପିଆନ୍‌ସିପ୍‌ଥି ଦେଶର୍ ୨୭ ଟା ପୁରୁଷ ଦଲ୍ ଆର୍ ୧୦ ଟା ମହିଲା ଦଲ୍ ଯୋଗ୍ ଦେବାର୍ ସମ୍ଭାବନା ରହିଛେ ।

ଆଇନ୍‌ଜୀବୀ ସଂଘ ସମ୍ମିଲନୀ ଆର୍‌ଏନ୍‌ୟୁ/ କଟକ୍

ଗଞ୍ଜାମ୍ ଜିଲ୍ଲାର୍ ଭଞ୍ଜନଗର୍ ନ ଆଏବା ୨୯ ତାରିଖ୍‌ନୁ ୨ ଦିନିଆ ନିଖିଳ ଉତ୍କଳ ଆଇନ୍‌ଜୀବୀ ସଂଘର୍ ୫୩ ନମ୍ବର୍ ବାର୍ଷିକ ସମ୍ମିଲନୀ ହେବା । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର କେତେଝନ୍ ସଦସ୍ୟ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇଥିର୍‌ଲାଗି ବିଧାୟକ୍ ପ୍ରଦ୍ୟୁମ୍ନ କୁମାର୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଭଞ୍ଜନଗର୍ ନ ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ଜନଅଭିଯୋଗ୍ ଶୁଣାଣି ଶିବିର ସମ୍ବଲପୁର/ ଦେବ୍‌ଗଡ଼୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ୍‌ର ରାଜୀବଗାନ୍ଧୀ ଭବନ୍ ଠାନେ ୪୯ ଟା ଅଭିଯୋଗ୍‌ର ଶୁଣାଣି କରିକରି ସେସବୁର୍ ଜଲ୍‌ଦି ସମାଧାନ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଅଭିଯୋଗ୍ ଶୁଣାଣି ହେବାର୍ ଆଘୋନୁ ଅତିରିକ୍ତ ଜିଲ୍ଲାପାଲ୍ ହିତାଧିକାରୀମାନ୍‌କୁ ଟ୍ରାଇସାଇକଲ୍, ଭତା ଆର୍ ଆଶାବାଡ଼ି ବାଂଟିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷନ ଜିଲ୍ଲାପାଲ୍‌ଙ୍କର୍ ଅଭିଯୋଗ୍ ଶୁଣାଣି ଶିବିରଥି ୩୧ ଟା ଅଭିଯୋଗ ଆସିଥିଲା । ଇ ସବୁ ଅଭିଯୋଗ ବିଚାର୍ କରି କରି ସମାଧାନ୍ କର୍‌ବାରକେ ବିଭାଗୀୟ ଅଧିକାରୀମାନ୍‌କୁ ଜିଲ୍ଲାପାଲ୍ ନିର୍ଦ୍ଦେଶ ଦେଇଛନ୍ ।

ନୂଆପଡ଼ା ଜିଲ୍ଲାର୍ କୋମ୍‌ନା ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣିଥି ଜିଲ୍ଲାପାଲ ମଧୁସୂଦନ୍ ଦାସ ଶହେ ୩୭ ଟା ଅଭିଯୋଗ୍‌ର ଶୁଣାଣି କରିକରି ଦର୍‌କାରୀ ପଦକ୍ଷେପ୍ ନେବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଝାର୍ସୁଗୁଡ଼ା- ଧାନ୍ଘିନା ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ନ ଇ ବଛ୍ରର୍ ଖରିଫ୍ ଧାନ୍ ଘିନା ଆଏଜ୍ ମୁଲ୍ ହେଇଛେ। ଝାର୍ସୁଗୁଡ଼ା ଆର୍ଏମ୍ସି କାର୍ଯ୍ୟାଲୟ ସାମ୍ନା ନ ଥିବା ଧାନ୍ ମଣ୍ଡି ନ ଅତିରିକ୍ତ ଜିଲ୍ଲାପାଲ୍ କିଶୋର୍ ଚନ୍ଦ୍ର ସ୍ୱାଇଁ ଧାନ୍ ଘିନାର୍ ଶୁଭାରମ୍ଭ କରିଛନ୍। ଇ ବଛର୍ ଜିଲ୍ଲା ନ ୭ ଲାଖ୍ ୯ ହଜାର୍ କ୍ୱିଂଟାଲ୍ ଧାନ୍ ଘିନ୍ବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଥିବାର୍ ବେଲେ ୨୧ ହଜାର୍ ୭ ଶହ ୩୦ ଝନ୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍। ଧାନ୍ ଘିନାକେ ଅଏତ୍କା ବ୍ୟବସ୍ଥିତ୍ କର୍ବାର୍ ଲାଗି ଆର୍ଏମ୍ସି ତର୍ଫୁ ମଣ୍ଡି ମାନ୍କେ ସିସିଟିଭି ଲଗାଯିବାର୍ ସହେତେ ବ୍ଲକ୍ ଇଲାକା ନ ତହସିଲ୍ଦାର୍ମାନେ ମାଜିଷ୍ଟ୍ରେଟ୍ ଦାୟିତ୍ୱଥି ରହେବେ। ଫି' ମଣ୍ଡି ଲାଗି ଝନେ ଲେଖା ନୋଡ଼ାଲ୍ ଅଫିସର୍ ଆର୍ ୪ ନୁ ୫ ଟା ମଣ୍ଡିକେ ନେଇକରି ଝନେ ସୁପର୍ଭାଇଜର୍ଙ୍କୁ ଦାୟିତ୍ୱ ଦିଆଯାଇଛେ।

ପୁଷ୍ପୁତର୍ ଗ୍ରହଣ୍ ସଚେତନତା ରଥ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଲୟ ନ ଆଇନ୍ସମ୍ମତ ପୁଷ୍ପୁତର୍ ଗ୍ରହଣ୍ କର୍ବାର୍ ବାବ୍ଦେ ଗୁଟେ ସଚେତନତା ରଥ ବାହାରିଛେ। ଇ ସଚେତନତା ରଥକେ ଜିଲ୍ଲାପାଲ୍

ଗୌରବ ଶିଓ୍ଵାଜୀ ଇସାଲ୍ଓ୍ଵାର୍ ଆର୍ ଏସ୍.ପି. ଖିଲାରି ରିଷିକେଶ୍ ଦ୍ୟାନ୍ଦେଓ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ଇ ସଚେତନତା ରଥ ଜରିଏ ପୁଷ୍ପୁତର୍ ଗ୍ରହଣ୍ କର୍ବାର୍ ବାବ୍ଦେ ଜିଲ୍ଲାର୍ ୧୪ ଟା ବ୍ଲକ୍ ଆର୍ ସବୁ ପୌରାଂଚଲ୍ ଆର୍ ବିଜ୍ଞପିତ ଅଂଚଲ୍ ନ ଲୁକ୍କୁ ସଚେତନ୍ କରାଯିବା ।

ରେଲ୍ବାଇ- ପୁରସ୍କାର୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର୍ ରେଲ୍ବାଇ ବରିଷ୍ଠ ବିଭାଗୀୟ ଯନ୍ତ୍ରୀ ଅମୂଲ୍ୟ ଜ୍ୟୋତି ରାଉତରାୟ, ନୂଆପଡ଼ା ରୋଡ୍ର ଷ୍ଟେସନ୍ ମାଷ୍ଟର୍ ସଦାଶିବ ପ୍ରଧାନ୍ ଆଉ ନୂଆପଡ଼ା ରୋଡ୍ର ପଏଂଟସ୍ ମେନ୍ ରଞ୍ଜିତ୍ କୁମାର୍ଙ୍କୁ ଟ୍ରେନ୍ର ସୁରକ୍ଷା ଆଉ ପରିଚାଳନାଥି ଉଲ୍ଲେଖନୀୟ ଅବଦାନ୍ ଲାଗି ପୁରସ୍କୃତ କରାଯାଇଛେ । ସମ୍ବଲ୍ପୁର୍ ଡିଭିଜନାଲ୍ ରେଲ୍ଓ୍ଵେ ମେନେଜର୍ ତୁଷାରକାନ୍ତ ପାଣ୍ଡେ ସେମାନ୍କୁ ଉତ୍କର୍ଷ ପ୍ରମାଣ୍ପତ୍ର ଆଉ ନଗଦ୍ ପୁରସ୍କାର୍ ଦେଇଥିଲେ ।